# REGIONAL NEWS UNIT, AIR CUTTACK

## Mid-day Bulletin (2.32PM)

### 31 December – 2025

*******************************

## ମୁଖ୍ୟ ସମ୍ବାଦ

- ବରଗଡ଼ ଜିଲ୍ଲା ଘେଁସ୍ ମହାବିଦ୍ୟାଳୟକୁ ସହିଦ ମାଧୋ ସିଂ ମହାବିଦ୍ୟାଳୟ ନାମରେ ନାମିତ କଲେ ମୁଖ୍ୟମନ୍ତ୍ରୀ

– ଘେଁସ୍ ଗ୍ରାମର ଉନ୍ନତି ପାଇଁ ୧୯ କୋଟି ଟଙ୍କାର ଅନୁଦାନ ଘୋଷଣା

- ପ୍ରଧାନମନ୍ତ୍ରୀଙ୍କ ପରୀକ୍ଷା ପେ' ଚର୍ଚ୍ଚା କାର୍ଯ୍ୟକ୍ରମ ପାଇଁ ୩ କୋଟିରୁ ଅଧିକ ପଞ୍ଜୀକରଣ

- ଆଜି ଶେଷ ହେଉଛି ମୁଖ୍ୟ ଶାସନ ସଚିବ ମନୋଜ ଆହୁଜାଙ୍କ କାର୍ଯ୍ୟକାଳ

ଏବଂ

- ଘନ କୁହୁଡ଼ି ହେବା ନେଇ ୧୨ଟି ଜିଲ୍ଲାକୁ ସତର୍କ ସୂଚନା ଜାରି କଲା ପାଣିପାଗ କେନ୍ଦ୍ର

Desk

# ମୁଖ୍ୟମନ୍ତ୍ରୀ- ମାଧୋ ସିଂହ

ଆଦିବାସୀ ହେଉଛନ୍ତି ସଭ୍ୟତାର ମୂଳପିଣ୍ଡ, ରାଷ୍ଟ୍ର ଗଠନରେ ସେମାନଙ୍କର ବଳିଷ୍ଠ ଭୂମିକା ରହିଛି ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି। ବରଗଡ଼ ଜିଲ୍ଲା ଘେଁସଠାରେ ଆଜି ସହିଦ୍ ମାଧୋ ସିଂହ ସ୍ମୃତି ସମାରୋହ ଓ ରାଜ୍ୟସ୍ତରୀୟ ବୀରତା ଦିବସ–୨୦୨୫ ପାଳନ କାର୍ଯ୍ୟକ୍ରମରେ ଯୋଗଦେଇ ମୁଖ୍ୟମନ୍ତ୍ରୀ କହିଛନ୍ତି, ଜନଜାତି ସମାଜ କେବଳ ଲଢ଼େଇ କରନ୍ତି ନାହିଁ ବରଂ ସାମାଜିକ ଶୃଙ୍ଖଳାରେ ନିଜର ଯୋଗଦାନ ସାବ୍ୟସ୍ତ କରି ରାଷ୍ଟ୍ରକୁ ନୂତନ ଦିଗରେ ପହଁଞ୍ଚାଉଛନ୍ତି। ଏହି ଅବସରରେ ଘେଁସ ମହାବିଦ୍ୟାଳୟକୁ ଆଜିଠାରୁ ସହିଦ ମାଧୋ ସିଂହ ମହାବିଦ୍ୟାଳୟ ଭାବେ ନାମିତ କରାଗଲା ବୋଲି ମୁଖ୍ୟମନ୍ତ୍ରୀ  କହିଛନ୍ତି। ମହାବିଦ୍ୟାଳୟର ଛାତ୍ରୀଙ୍କ ପାଇଁ ୧୦୦ ଆସନ ବିଶିଷ୍ଟ ଅତ୍ୟାଧୁନିକ ହଷ୍ଟେଲ ନିର୍ମାଣ ପାଇଁ ୩ କୋଟି ୬୦ ଲକ୍ଷ ଟଙ୍କାର ବ୍ୟୟବରାଦ ଘୋଷଣା କରିଛନ୍ତି। ଏହାସହ ଘେଁସ ଗ୍ରାମର ଉନ୍ନତି ପାଇଁ ୧୯ କୋଟି ଟଙ୍କା ଖର୍ଚ୍ଚ କରାଯିବ ବୋଲି ଶ୍ରୀ ମାଝୀ କହିଛନ୍ତି।

**- V/O -**

ଘେଁସ ଜମିଦାର ମାଧୋ ସିଂହ ଓ ତାଙ୍କ ପରିବାରର ଆତ୍ମବଳିଦାନ ଗାଥା ସର୍ବଦା ସ୍ମରଣୀୟ ହୋଇ ରହିବା ସହ ଆଗାମୀ ପିଢ଼ିକୁ ଉଚିତ ମାର୍ଗ ଦେଖାଇବ। ରେଣ୍ଡୋ ମାଝୀ, ବଇରୀ ସିଂହ, ହଟେ ସିଂହ, କମଲ ସିଂହ,

ଭଗବାନ ବିର୍ସାମୁଣ୍ଡା ଓ ଧରଣୀଧର ଭୂୟାଁଙ୍କୁ ମୁଖ୍ୟମନ୍ତ୍ରୀ ସ୍ମରଣ କରିଥିଲେ। ଜନଜାତି ଛାତ୍ରଛାତ୍ରୀଙ୍କ ଡ୍ରପଆଉଟ୍ ହାର ହ୍ରାସ ପାଇଁ ସରକାର ସହିଦ ମାଧୋ ସିଂହ ହାତଖର୍ଚ୍ଚ ଯୋଜନା କାର୍ଯ୍ୟକାରୀ କରାଇଛନ୍ତି। ପୂଜ୍ୟପୂଜାକୁ ଗୁରୁତ୍ୱ ଦେଇ ଓଡ଼ିଶାର ବରପୁତ୍ରଙ୍କ ପୀଠକୁ ସମୃଦ୍ଧ ପାଇଁ ସରକାର ନିଷ୍ପତ୍ତି ନେବା ସହ ବଜେଟ୍‌ରେ ଅର୍ଥରାଶିର ଅନୁମୋଦନ କରିଛନ୍ତି। ବିକଶିତ ଭାରତ ଓ ସମୃଦ୍ଧ ଓଡ଼ିଶା ଗଠନ ପାଇଁ ସମସ୍ତଙ୍କୁ ମାଧୋ ସିଂହଙ୍କ ନୀତି ଆଦର୍ଶରେ ଅନୁପ୍ରାଣିତ ହୋଇ ଅଗ୍ରସର ହେବା ପାଇଁ ଶ୍ରୀ ମାଝୀ ଆହ୍ୱାନ ଦେଇଛନ୍ତି।

Desk

# ମାଧୋ ସିଂଙ୍କ ବଳିଦାନ ଦିବସ

ଭାରତର ସ୍ୱାଧୀନତା ସଂଗ୍ରାମ ଇତିହାସରେ ଦେଶର ସ୍ୱାଧନୀତା ପାଇଁ ବଳିଦାନ ଦେଇଥିବା ବରଗଡ ଜିଲ୍ଲାର ଘେଁସ ଜମିଦାର ସହିଦ ମାଧୋ ସିଂଙ୍କର ପୁଣ୍ୟତିଥିରେ ରାଜ୍ୟବାସୀ ଆଜି ଶ୍ରଦ୍ଧାଞ୍ଜଳି ଅର୍ପଣ କରୁଛନ୍ତି । ବୀର ସୁରେନ୍ଦ୍ର ସାଏଙ୍କର ପ୍ରେରଣାରେ ଇଂରେଜ ମାନଙ୍କର ରାଜସ୍ୱ ଆଦାୟ ନୀତିକୁ ବିରୋଧ କରି ମାଧୋ ସିଂ ତତ୍କାଳୀନ ସରକାରଙ୍କ ରୋଷର ଶିକାର ହୋଇଥିଲେ । ଏକ ମିଥ୍ୟା ଅପରାଧ ଅଭିଯୋଗରେ ସମ୍ବଲପୁର ଜେଲ୍‌ରେ ୧୮୫୮ ମସିହା ଆଜିର ଦିନରେ ମାଧୋ ସିଂଙ୍କୁ ଫାଶୀ ଦିଆଯାଇଥିଲା । ସହିଦ ଯୋଦ୍ଧା ମାଧୋ ସିଂଙ୍କ ବଳିଦାନକୁ ଚିର ସ୍ମରଣୀୟ ରଖିବା ପାଇଁ ରାଜ୍ୟ ସରକାର ୧୯୯୭ ମସିହାଠାରୁ ଆଜିର ଦିନକୁ ବୀରତା ଦିବସ ଭାବେ ପାଳନ କରି ଆସୁଛନ୍ତି ।

Desk

# ପରୀକ୍ଷାପେ ଚର୍ଚ୍ଚା

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ 'ପରୀକ୍ଷା ପେ ଚର୍ଚ୍ଚା' କାର୍ଯ୍ୟକ୍ରମ ନୂଆ ମାଇଲ୍‌ଖୁଣ୍ଟ ସ୍ଥାପନ କରିଛି । ଗତକାଲି ସୁଦ୍ଧା ଏଥିଲାଗି ୩ କୋଟିରୁ ଅଧିକ ପଞ୍ଜୀକରଣ ହୋଇଛି । କେନ୍ଦ୍ର ଶିକ୍ଷା ମନ୍ତ୍ରଣାଳୟର ସୂଚନା ଅନୁଯାୟୀ, ପରୀକ୍ଷା ପେ ଚର୍ଚ୍ଚା କାର୍ଯ୍ୟକ୍ରମ' ଛାତ୍ରଛାତ୍ରୀ, ଅଭିଭାବକ ଏବଂ ଶିକ୍ଷକ ଶିକ୍ଷୟିତ୍ରୀମାନଙ୍କ ଯୋଗଦାନ ଫଳରେ ଏକ ଜନଆନ୍ଦୋଳନରେ ପରିଣତ ହୋଇଛି । ଏହା ଲୋକପ୍ରିୟତା ହାସଲ କରିବା ସହ ଛାତ୍ରଛାତ୍ରୀଙ୍କ ଯୋଗଦାନ ବୃଦ୍ଧି ପାଇବାରେ ଲାଗିଛି । କାର୍ଯ୍ୟକ୍ରମଟି ଛାତ୍ରଛାତ୍ରୀଙ୍କୁ ମାନସିକ ସ୍ୱାସ୍ଥ୍ୟ ଉପରେ ଧ୍ୟାନ କେନ୍ଦ୍ରିତ କରିବା ସହ ସେମାନଙ୍କ ମଧ୍ୟରେ ପରୀକ୍ଷା ପ୍ରତି ଏକ ସକାରାତ୍ମକ ଆଭିମୁଖ୍ୟକୁ ପ୍ରୋତ୍ସାହିତ କରିବାରେ ସହାୟକ ହୋଇଥାଏ ।

Dhenkanal

# ସମୀକ୍ଷା ବୈଠକ

ଶିଳ୍ପ, ଦକ୍ଷତା ବିକାଶ ଓ ବୈଷୟିକ ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ ଆଜି ଢେଙ୍କାନାଳ ଜିଲ୍ଲା ଗସ୍ତ କରି କାମାକ୍ଷାନଗର, କଙ୍କଡ଼ାହାଡ଼ ଏବଂ ଭୁବନ ବ୍ଲକରେ ବିଭିନ୍ନ ପ୍ରକଳ୍ପର ଉଦ୍‌ଘାଟନ ଓ ଶିଳାନ୍ୟାସ କରିଛନ୍ତି । ଏହି ଅବସରରେ ମନ୍ତ୍ରୀ ଶ୍ରୀ ସ୍ୱାଇଁ ଶିକ୍ଷା, ସ୍ୱାସ୍ଥ୍ୟ, କୃଷି, ଭିତ୍ତିଭୂମି ଓ ସାମାଜିକ

ଉନ୍ନତି ସମ୍ପର୍କିତ ବିଭିନ୍ନ କ୍ଷେତ୍ରର ସମୀକ୍ଷା କରିବା ସହ  କାର୍ଯ୍ୟର ସଫଳ ରୂପାୟନ ପାଇଁ ଅଧିକାରୀମାନଙ୍କୁ ପରାମର୍ଶ ଦେଇଛନ୍ତି । ଜିଲ୍ଲାପାଳ ଆଶିଷ ଈଶ୍ୱର ପାଟିଲଙ୍କ ଅଧ୍ୟକ୍ଷତାରେ ସମୀକ୍ଷା ବୈଠକରେ ସାଂସଦ ରୁଦ୍ରନାରାୟଣ ପାଣି, ବିଧାୟକ ବିଭୂତି ଭୂଷଣ ପ୍ରଧାନ ଏବଂ ଶତ୍ରୁଘନ ଜେନାଙ୍କ ସମେତ ଜିଲ୍ଲାସ୍ତରୀୟ ଅଧିକାରୀମାନେ ଉପସ୍ଥିତ ଥିଲେ ।

BBSR/R

## ମୁଖ୍ୟ ଶାସନ ସଚିବଙ୍କ ଦାୟିତ୍ୱ ଗ୍ରହଣ

ମୁଖ୍ୟ ଶାସନ ସଚିବ ମନୋଜ ଆହୁଜାଙ୍କ କାର୍ଯ୍ୟକାଳ ଆଜି ଶେଷ ହେଉଛି । ଏହି ପରିପ୍ରେକ୍ଷୀରେ ଶ୍ରୀ ଆହୁଜାଙ୍କ ଅଧ୍ୟକ୍ଷତାରେ ଭୁବନେଶ୍ୱର ଲୋକସେବା ଭବନରେ ସଚିବ ସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଯାଇଛି । ପ୍ରଶାସନିକ କ୍ଷେତ୍ରରେ ରାଜ୍ୟରେ  ଦକ୍ଷ ପ୍ରଶାସକମାନେ ରହିଛନ୍ତି ବୋଲି ଶ୍ରୀ ଆହୁଜା କହିଛନ୍ତି ।

**- V/O -**

ରାଜ୍ୟ ସରକାର ପରବର୍ତ୍ତୀ ମୁଖ୍ୟ ଶାସନ ସଚିବ ଭାବେ ବରିଷ୍ଠ ଆଇ.ଏ.ଏସ୍. ଅଧିକାରୀ ଅନୁ ଗର୍ଗଙ୍କୁ ନିଯୁକ୍ତି ଦେଇଛନ୍ତି । ଶ୍ରୀମତୀ ଗର୍ଗ ହେଉଛନ୍ତି ୧୯୯୧ ବ୍ୟାଚ୍‌ର ଆଇ.ଏ.ଏସ୍. ଅଫିସର । ୨୦୨୯ ମସିହା ମାର୍ଚ୍ଚ ପର୍ଯ୍ୟନ୍ତ ତାଙ୍କର କାର୍ଯ୍ୟକାଳ ରହିବ ।

Desk

## ବରଗଡ ଧନୁଯାତ୍ରା

**ବରଗଡ଼**ର ବିଶ୍ୱ ପ୍ରସିଦ୍ଧ ଧନୁଯାତ୍ରାର ଅଷ୍ଟମ ଦିବସରେ  ଆଜି ମଥୁରା ନଗରୀରେ ଶ୍ରୀକୃଷ୍ଣ ବଳରାମଙ୍କୁ ନିମନ୍ତ୍ରଣ ପାଇଁ ଅକ୍ରୁରଙ୍କ ଗୋପପୁର ଗମନ, ଇନ୍ଦ୍ରଙ୍କ ସହ ଯୁଦ୍ଧ ଓ ବନ୍ଦୀ, ଯମପୁର ଆକ୍ରମଣ ଓ କଂସଙ୍କ ନଗର ଭ୍ରମଣ ପରିବେଷଣ କରାଯିବ। ସେହିଭଳି ଗୋପପୁରରେ ଶ୍ରୀକୃଷ୍ଣ ଗିରିଗୋବର୍ଦ୍ଧନ ଧାରଣ, ଯମୁନା ନଈରେ ଶ୍ରୀକୃଷ୍ଣଙ୍କ ପାଦଚିହ୍ନ ଦର୍ଶନ ଓ କୃଷ୍ଣ ବଳରାମଙ୍କ ସହ ଅକ୍ରୁରଙ୍କ ସାକ୍ଷାତ କାର୍ଯ୍ୟକ୍ରମ ରହିଛି।

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଗତକାଲି ବରଗଡ଼ ଧନୁଯାତ୍ରା ମହୋତ୍ସବର ସପ୍ତମ ଦିବସରେ କଂସଙ୍କ ରାଜଦରବାରର ରାଜଅତିଥିଭାବେ ଉପସ୍ଥିତ ରହିଥିଲେ।

ଧନୁଯାତ୍ରା ଉପଲକ୍ଷେ ୧୧ ଦିନ ପାଇଁ ବରଗଡ଼ ସହର 'ମଥୁରା' ଏବଂ ଅମ୍ବାପଲ୍ଲି ଅଞ୍ଚଳକୁ 'ଗୋପପୁର' କରାଯାଇଛି । ଆସନ୍ତା ୩ ତାରିଖ ପର୍ଯ୍ୟନ୍ତ ଧନୁଯାତ୍ରା ଚାଲିବ।

Rayagada

## ସାଂସ୍କୃତିକ ମହୋତ୍ସବ ଚଇତି

ରାୟଗଡ଼ା ଜିଲ୍ଲାରେ କଳା ସଂସ୍କୃତିର ମହୋତ୍ସବ ଚଇତିର ପଞ୍ଚମ ତଥା ଶେଷ ସନ୍ଧ୍ୟାରେ ମୁଖ୍ୟ ଅତିଥି ଭାବେ ସାଂସଦ ସପ୍ତଗିରି ଉଲାକା ଯୋଗ ଦେଇଥିଲେ। ଚଇତିକୁ ବିଶ୍ୱସ୍ତରରେ ପହଁଞ୍ଚାଇବା ପାଇଁ ଯୋଜନା ରହିଥିବା ନେଇ ଶ୍ରୀ ଉଲାକା କହିଥିଲେ। ଚଳିତ ବର୍ଷ ଅନୁଷ୍ଠିତ ପାଞ୍ଚ ଦିନିଆ ପଲ୍ଲିଶ୍ରୀ

ମେଳାରେ ପ୍ରାୟ ୬ କୋଟି ୨୩ ଲକ୍ଷ ୯୮ ହଜାର ଟଙ୍କାର ବ୍ୟବସାୟ ହୋଇଥିବା ସୂଚନା ମିଳିଛି ।

BHK

## ସଚେତନତା କାର୍ଯ୍ୟକ୍ରମ

ଭଦ୍ରକ ଜିଲ୍ଲା ଆଇନସେବା ପ୍ରାଧିକରଣ ପକ୍ଷରୁ ସ୍ୱଚ୍ଛତା ପରିବେଶ ସମ୍ପର୍କିତ ଏକ ସଚେତନତା କାର୍ଯ୍ୟକ୍ରମ ଚରମ୍ପା ଗ୍ରାମ ପଞ୍ଚାୟତ କାର୍ଯ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ଏକ ସଚେତନତା ଶୋଭାଯାତ୍ରା ଚରମ୍ପା ବଜାର ପରିକ୍ରମା କରି ପରିବେଶକୁ ସୁସ୍ଥ, ନିର୍ମଳ, ସ୍ୱଚ୍ଛ ରଖିବାକୁ ଲୋକଙ୍କୁ ସଚେତନ କରିଥିଲେ । ଜିଲ୍ଲା ଆଇନସେବା ପ୍ରାଧିକରଣର ସଚିବ ପୁଣ୍ୟଶ୍ଳୋକ ରଥ ଯୋଗ ଦେଇଥିଲେ । ପରିବେଶକୁ ସୁରକ୍ଷିତ ରଖିବା ପାଇଁ ହେଲେ ସମସ୍ତଙ୍କର ପ୍ରୟାସ ରହିବାର ଆବଶ୍ୟକତା ରହିଛି ବୋଲି ସେ କହିଥିଲେ ।

Desk

## ଜିରୋ ନାଇଟ୍

ନୂଆବର୍ଷକୁ ସ୍ୱାଗତ ଓ ପୁରୁଣା ବର୍ଷକୁ ବିଦାୟ ଦେବା ପାଇଁ ଗାଁଠୁ ସହର ସବୁଆଡ଼େ ଖୁସିର ଆସର । ରାଜ୍ୟରେ ଜିରୋ ନାଇଟ୍ ସେଲିବ୍ରେସନ୍‌କୁ ଶାନ୍ତିଶୃଙ୍ଖଳାର ସହ ପାଳନ କରିବା ପାଇଁ କମିଶନରେଟ୍ ପୁଲିସ ପକ୍ଷରୁ ବ୍ୟାପକ ବ୍ୟବସ୍ଥା କରାଯାଇଛି । ନିୟମ ମଧ୍ୟରେ ହୋଟେଲ,

କ୍ଲବ ଓ ଇଭେଣ୍ଟ ଅର୍ଗାନାଇଜର ମାନଙ୍କୁ କାର୍ଯ୍ୟକ୍ରମ ପାଳନ ପାଇଁ ପୁଲିସ କମିଶନର ଏସ୍.ଦେବଦତ୍ତ ସିଂହ କହିଛନ୍ତି।

ସୁରକ୍ଷା ଦାୟିତ୍ୱରେ ୧୮ ପ୍ଲାଟୁନ୍ ଫୋର୍ସ ଓ ୨୯ଟି ଜାଗାରେ ସୁରକ୍ଷା କର୍ମୀଙ୍କୁ ନିୟୋଜିତ କରାଯାଇଛି।

Desk

## ଚର୍ଚ୍ଚାରେ ୨୦୨୫

ଅସୁମାରୀ ଆଶା-ଆକାଂକ୍ଷା, ସୁଖ-ସମୃଦ୍ଧି, ଆଶ୍ୱାସନା-ସମ୍ଭାବନାର ସମ୍ଭାର ନେଇ ଆସୁଛି ନବବର୍ଷ-୨୦୨୬। ପୁରୁଣାବର୍ଷକୁ ବିଦାୟ ଓ ନବବର୍ଷକୁ ସ୍ୱାଗତ ପାଇଁ ସାଂସ୍କୃତିକ ଆସରରେ ଚର୍ତୁଦିଗ ହୋଇଉଠିଛି ଉତ୍ସବମୁଖର।

ବର୍ଷ ସାରାର ବିଭିନ୍ନ ଘଟଣାବଳୀକୁ ନେଇ ଆକାଶବାଣୀ କଟକ କେନ୍ଦ୍ରର ଆଂଚଳିକ ସମ୍ବାଦ ବିଭାଗ ପକ୍ଷରୁ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ପ୍ରସ୍ତୁତ ହୋଇଛି। ଆଜି ଅପରାହ୍ଣ ୪ଟାରେ ଶୁଣି ପାରିବେ 'ଚର୍ଚ୍ଚାରେ ୨୦୨୫' ।

Nabarangpur

## ବେଟି ବଚାଓ ଯୋଜନା

ନବରଙ୍ଗପୁର ଜିଲ୍ଲା ମିଶନ ଶକ୍ତି ସମ୍ମିଳନୀ କକ୍ଷରେ 'ବେଟି ବଚାଓ, ବେଟି ପଢ଼ଓ' ଯୋଜନା ଅନ୍ତର୍ଗତ ଅନଲାଇନ୍ ସୁରକ୍ଷା ଓ ସାଇବର ବୁଲିଂ ବିଷୟରେ ଏକ ଦିନିକିଆ କର୍ମଶାଳା ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମରେ

ସାଇବର ଠକେଇ ପ୍ରତି ସଚେତନତା ସୃଷ୍ଟି ନେଇ ଜିଲ୍ଲା ସମାଜ କଲ୍ୟାଣ ଅଧିକାରୀ ଦ୍ରୌପଦୀ କହଁର ପରାମର୍ଶ ଦେଇଥିଲେ। ଏହି ଅବସରରେ ଆଶାକର୍ମୀ, ଅଙ୍ଗନବାଡ଼ି ଦିଦି ଓ କିଶୋରୀ ବାଳିକାମାନଙ୍କୁ ନେଇ ସଚେତନତା ଶୋଭାଯାତ୍ରା କରାଯାଇଥିଲା।

Nabarangpur

## ଅଟଳ ସ୍ମୃତି ସମ୍ମିଳନୀ

ନବରଙ୍ଗପୁର ଜିଲ୍ଲା ବିଧାନସଭା ମଣ୍ଡଳୀସ୍ତରୀୟ ଅଟଳ ସ୍ମୃତି ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲା ବିଜେପି ସଭାପତି କୁଆଁବିହାରୀ ଦାସଙ୍କ ଅଧକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ବିଧାୟକ ଗୌରୀଶଙ୍କର ମାଝୀ ଯୋଗ ଦେଇଥିଲେ। ପୂର୍ବତନ ପ୍ରଧାନମନ୍ତ୍ରୀ ଅଟଳ ବିହାରୀ ବାଜପେୟୀଙ୍କ ଜନ୍ମଦିନ ସପ୍ତାହକୁ ସୁଶାସନ ସପ୍ତାହ ପାଳନ କରାଯିବା ସହ ବିଭିନ୍ନ କାର୍ଯ୍ୟକ୍ରମ ରାଜ୍ୟବ୍ୟାପୀ ପାଳନ କରାଯାଉଛି ବୋଲି ମୁଖ୍ୟ ଅତିଥି କହିଥିଲେ।

Kalahandi

## କ୍ରିକେଟ ମହୋତ୍ସବ

କଳାହାଣ୍ଡି ଜିଲ୍ଲା କାନ୍ଦୁଲଝର ଗ୍ରାମଠାରେ ଅନୁଷ୍ଠିତ କାନ୍ଦୁଲଝର କ୍ରିକେଟ ମହୋତ୍ସବ ଉଦ୍‌ଯାପିତ ହୋଇଯାଇଛି। ଏହି କ୍ରିକେଟ ଟୁର୍ଣ୍ଣାମେଣ୍ଟରେ କଳାହାଣ୍ଡି, ନୂଆପଡ଼ା ଓ ବଲାଙ୍ଗୀର ଜିଲ୍ଲାର ୧୬ଟି ଦଳ

ଯୋଗ ଦେଇଥିଲେ। ଫାଇନାଲ ଖେଳ ଖଡ଼ିଆଳ ବ୍ଲକ ବିଜେପୁର ଏବଂ ଗାନ୍ଧୀନଗର ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ବିଜେପୁର ଦଳ ୩ ୱିକେଟ୍‌ରେ ଏହି ଟୁର୍ଣ୍ଣାମେଣ୍ଟ ବିଜୟୀ ହୋଇଛି।

Desk

## ପାଣିପାଗ

ରାଜ୍ୟରେ ଶୀତର ଲହରି ଜାରି ରହିଛି। ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ରର ସୂଚନା ଅନୁସାରେ, ଆସନ୍ତା ୨୪ ଘଣ୍ଟା ମଧ୍ୟରେ ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡ଼ା, କଟକ, ଜଗତସିଂହପୁର, ପୁରୀ, ଖୋର୍ଦ୍ଧା, ନୟାଗଡ଼, କନ୍ଧମାଳ, ସୁନ୍ଦରଗଡ଼ ଓ ମୟୂରଭଞ୍ଜ ଜିଲ୍ଲାର କେତେକ ସ୍ଥାନରେ ଘନକୁହୁଡ଼ି ହେବାର ସମ୍ଭାବନା ଥିବାରୁ ଏହି ସବୁ ଜିଲ୍ଲାକୁ ସତର୍କ ସୂଚନା ଜାରି କରାଯାଇଛି। ଗତକାଲି ଫୁଲବାଣୀଠାରେ ସର୍ବନିମ୍ନ ତାପମାତ୍ରା ୬ ଡିଗ୍ରୀ ସେଲସିୟସ ରହିଥିଲା। ଆସନ୍ତା ୫ ଦିନ ପର୍ଯ୍ୟନ୍ତ ପାଣିପାଗରେ ବିଶେଷ ପରିବର୍ତ୍ତନ ହେବାର ସମ୍ଭାବନା ନାହିଁ। ତେବେ ପରବର୍ତ୍ତୀ ସମୟରେ ତାପମାତ୍ରା ୨ରୁ ୩ ଡିଗ୍ରୀ ପର୍ଯ୍ୟନ୍ତ ହ୍ରାସ ପାଇବା ନେଇ ପାଣିପାଗ କେନ୍ଦ୍ର ପକ୍ଷରୁ ଅନୁମାନ କରାଯାଇଛି।